## ବ୍ରଜପାତରେ ମହିଳାଙ୍କ ମୃତ୍ୟୁ

ଗୋପାଳପୁର,(ନବୀନ ରାଜ ଆଚାରୀ):ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ଅନ୍ତର୍ଗତ ଦାସପୁରୁ ଗ୍ରାମ ଗୁଡ଼ିଆସାହିରେ ମଙ୍ଗଳବାର ଅପରାହ୍ନରେ ବ୍ରଜପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁକୁଟି ବେହେରା (୪୭)। ଅପରାହ୍ନରେ କାଳ ବୈଶାଖୀ ଯୋଗୁ ବର୍ଷାପବନ ସହ କୂଅପଥର ପଡିଥିଲା। ସୁକୁଟି ବାରିପଟରେ ଘରୋଇ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେଠାରେ ଅଚେତ ହୋଇ ତଳେ ପଡିଯାଇଥିଲେ। ପରିବାର ଲୋକ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୁକୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ମାଙ୍କଡ଼ ଧରିବାକୁ ବନବିଭାଗ ନାକେଦମ୍

ବୁଗୁଡ଼ା,୨୮।୪(କାଳିଚରଣ ଦାଶ)

ବୁଗୁଡ଼ାରେ ଗୋଟିଏ ହନୁ ମାଙ୍କଡ଼ ଆତଙ୍କ ଚଳାଇଛି। ମଙ୍ଗଳବାର ଜଣେ ଟ୍ରଲି ଚାଳକଙ୍କୁ ମାଙ୍କଡ଼ଟି ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଛି। ଆଦିପୁର ଗ୍ରାମର ଟ୍ରଲି ଚାଳକ ନାରାୟଣ ରାଉତ ସକାଳେ ତାଙ୍କ ବୃଦ୍ଧା ମା'ଙ୍କୁ ଟ୍ରଲିରେ ବସାଇ ବୁଗୁଡ଼ା ମେଡିକାଲ ଛକ ନିକଟରେ ଟ୍ରଲି ରଖିଥିବା ବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣଙ୍କ ଉପରକୁ ଡେଇଁ ପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇଥିଲା। ସ୍ଥାନୀୟ ଲୋକେ ହୋହାଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ ନେଇଥିଲେ। ସୋମବାର ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶ ଓ ବୁଗୁଡ଼ା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କୁ କାମୁଡି ଖଣ୍ଡିଆ କରିଦେଇଛି। ମଙ୍ଗଳବାର ଅପରାହ୍ନରେ ବୁଗୁଡ଼ା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କୁ ଆକ୍ରମଣ ଉଦ୍ୟମ କଲା ବେଳେ ଲୋକେ ହୋହଲ୍ଲା କରିବାରୁ ଛାଡି ପଳାଇଥିଲା। ତେବେ ବନ ବିଭାଗର ଏକ ଟିମ ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ ହେଁ ସଫଳ ହୋଇନ ଥିଲା। ମାଙ୍କଡ଼କୁ ଧରିବା ପାଇଁ ଟ୍ରାଙ୍କୁଲାଇଜର ଟିମ୍ ଡକାଇବା ପାଇଁ ଯୋଜନା କରାଯାଉଥିବା ନେଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ କହିଛନ୍ତି।

## ଗଞ୍ଜାମରେ ବଢୁଛି ବାଇକ୍ ଚୋରି

ଗଞ୍ଜାମ,୨୮।୪(ଅନାଥ ତରାଇ)

ଗଞ୍ଜାମ ସହରରେ ଏବେ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ସହରର କୈବର୍ତ୍ତ ସାହିସ୍ଥିତ ସାତଭଉଣୀ ମନ୍ଦିର ନିକଟ ଜାତୀୟ ରାଜପଥ ପାର୍ଶ୍ୱଠାରୁ କିଛି ଦୂରରେ ଥିବା ଘର ଆଗରୁ ସୋମବାର ବିଳମ୍ବିତ ରାତିରେ ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତି ନିଜ ବାଇକ୍ (ନଂ. ଓଡି ୦୭ ଏଟି ୭୮୭୨)କୁ ତାଙ୍କ ଘର ଆଗରେ ରଖିଥିଲେ। ମଙ୍ଗଳବାର ସକାଳେ ଗାଡ଼ିଟି ସେଠାରେ ନ ଥିଲା। ଏନେଇ ସେ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଗଞ୍ଜାମ ସହର ଓ ଆଖପାଖ ଅଞ୍ଚଳରେ ମଧ ଅପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। କିଛି ଦିନ ତଳେ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଦିନଦ୍ୱିପହରେ ଦୁର୍ବୃତ୍ତମାନେ ଏକ ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସେହିପରି ଗତବର୍ଷ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପାର୍କିଂରୁ ଜଣେ ଲକ୍ଷ୍ମୀ ବସ ଚାଳକଙ୍କ ବାଇକ ମଧ ଚୋରି ହୋଇଥିଲା।

## ପରିବେଶ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୨୮।୪(ସବିତା ମିଶ୍ର)

ପୁରୁଷୋତ୍ତମପୁର ବ୍ଲକ କେଏନପୁର ପଞ୍ଚାୟତ ପକ୍ଷରୁ ପରିବେଶ ସୁରକ୍ଷା ଓ ପରିମଳ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସରପଞ୍ଚ ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଲୋକଙ୍କୁ ପରିବେଶର ସୁରକ୍ଷା ନେଇ ସଚେତନ କରାଯିବା ସହ ରାସ୍ତାଘାଟ, ଡ୍ରେନ, ମନ୍ଦିର ପରିସରକୁ ସଫେଇ କରାଯାଇଥିଲା। ଜନସାଧାରଣ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ରଖିବା ଲାଗି ଡଷ୍ଟବିନ ସ୍ଥାପନ କରାଯାଇଥିଲା। ଏଥିରେ ସମିତିସଭ୍ୟା ଶାରଳା ବେହେରା, ନାଏବ ସରପଞ୍ଚ ଝିଟିଆ ବେହେରା, ନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଖିଲ, ଯନ୍ତ୍ରୀ ନର୍ମଦା ପାତ୍ର, ସାମାଜିକ କର୍ମୀ ଏନ. ରାମଚନ୍ଦ୍ର ରେଡ୍ଡୀଙ୍କ ସହ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି,୨୮।୪(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ନୋଡାଲ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡକ୍ଟର ଡି. ବୃନ୍ଦା ମଙ୍ଗଳବାର ଦିନିକିଆ ଗଜପତି ଜିଲା ଗସ୍ତରେ ଆସି ମୋହନା, ଆର୍. ଉଦୟଗିରି ଓ ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ସ୍ୱାସ୍ଥ୍ୟବିଭାଗ ଓ ଅନ୍ୟ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ସମୀକ୍ଷା କରଥିଲେ। ବୈଠକରେ ଭାରପ୍ରାପ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଉପସ୍ଥିତ ଥିଲେ।

# ଗର୍ଭବତୀଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଉଠିଲା ପ୍ରଶ୍ନ

ଜି.ଉଦୟଗିରି,୨୮।୪(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଜଣେ ଗର୍ଭବତୀଙ୍କ ଅକସ୍ମାତ୍ ମୃତ୍ୟୁ ଘଟିଛି। ଏହି ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ସେ ଗର୍ଭଧାରଣଠାରୁ ୯ ମାସ ପର୍ଯ୍ୟନ୍ତ ରୁଟିନ ଚେକଅପ କରି ଆସିଥିଲେ ସୁଦ୍ଧା କେଉଁ କାରଣ ପାଇଁ ଗର୍ଭବତୀ ଓ ତାଙ୍କ ସନ୍ତାନଙ୍କ ଜୀବନହାନି ହେଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜି.ଉଦୟଗିରି ବ୍ଲକ କୁମ୍ଭାରକୁପା ଗ୍ରାମର ରୋଶନ୍ ପ୍ରଧାନଙ୍କ ସ୍ତ୍ରୀ ସ୍ନେହଲତା ପ୍ରଧାନଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ରୋଶନ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତାଙ୍କୁ ଲେବର ରୁମକୁ ନେବା ବେଳେ ସ୍ନେହଲତା ଅଧିକ ଅସୁସ୍ଥ ହୋଇ ପଡ଼ି ତଳେ ପଡିଯାଇଥିଲେ। ଆଶାକର୍ମୀ ଓ ନର୍ସ ରୋଶନଙ୍କ ସହାୟତାରେ ସ୍ନେହଲତାଙ୍କୁ ଲେବର ରୁମ୍‌କୁ ନେଇଥିଲେ। ସେଠାରେ ଡାକ୍ତର ରଘୁନନ୍ଦନ ବେହେରା ସ୍ନେହଲତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ତେବେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତର ବେହେରା ସ୍ନେହଲତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପ୍ରଚାର ହେବା ପରେ ସ୍ଥାନୀୟ ସରପଞ୍ଚ ଝରଣା ପ୍ରଧାନ ଓ ଗ୍ରାମବାସୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଆସନ୍ତା ୩ରେ ସ୍ନେହଲତାଙ୍କ ଡେଲିଭରି ତାରିଖ ଥିଲା। ଗର୍ଭବତୀଙ୍କ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ହେଉଛି। କେହିକେହି ଚିକିତ୍ସାରେ ଅବହେଳା ବୋଲି କହୁଥିବା ବେଳେ କେହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଥିବା ସତ୍ତ୍ୱେ କିପରି ମହିଳା ଓ ଶିଶୁଙ୍କୁ ବଞ୍ଚାଇବାକୁ ପଦକ୍ଷେପ ନେଲେନି ବୋଲି କହୁଛନ୍ତି। ୫୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜି. ଉଦୟଗିରି ଅଞ୍ଚଳରେ ଅଧିକ ସଂଖ୍ୟାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଆବଶ୍ୟକ ଥିବା ବେଳେ ଅଞ୍ଚଳ ପ୍ରତି ସରକାରଙ୍କ ଉଦାସୀନତା ଯୋଗୁ ଏପରି ଲୋକଙ୍କ ଜୀବନହାନି ଘଟୁଥିବା ଅଭିଯୋଗ ହେଉଛି। ଡାକ୍ତରଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବିଜୟ ସ୍ୱାଇଁ କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମେଡିକାଲ ଇନ୍‌ଚାର୍ଜ ଡା. ରତିକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଲେ, ସମ୍ପୃକ୍ତା ଗର୍ଭବତୀଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡିନି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଜଣାପଡିବ।

## ଏସ୍‌ପି, ଜିଲାପାଳଙ୍କ ବାସଭବନରେ ମା' ବ୍ୟାଘ୍ରଦେବୀଙ୍କୁ ପୂଜାର୍ଚ୍ଚନା



ଛତ୍ରପୁର,୨୮।୪(ଦିଲୀପ ସାମଲ)

ପ୍ରତି ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା' ବ୍ୟାଘ୍ରଦେବୀଙ୍କ ଯାତ୍ରା ହୋଇ ଆସୁଛି। ଗତ ୨୬ ତାରିଖରୁ ଆଡ଼ମ୍ବରରେ ଏହି ଯାତ୍ରା ଆରମ୍ଭ ହୋଇଛି। ଚଳିତ ବର୍ଷ ଏହି ଯାତ୍ରା ୯ ଦିନ ବ୍ୟାପି ହେବ। ସୋମବାର ମା'ଙ୍କ ଘଟ ପାରମ୍ପରିକ ନିୟମ ଅନୁସାରେ ଅସ୍ଥାୟୀ ମନ୍ଦିରରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଗଞ୍ଜାମ ଏସପିଙ୍କ ବଙ୍ଗଳାକୁ ଯାଇଥିଲା। ସେଠାରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏବଂ ତାଙ୍କ ସ୍ତ୍ରୀ ବିପଶା ପାରୁଲ ଉପସ୍ଥିତ ରହି ରୀତିନୀତି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏହାପରେ ମା'ଙ୍କ ଘଟ ଗଞ୍ଜାମ ଜିଲାପାଳଙ୍କ ବାସଭବନକୁ ଯିବାରେ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ତାଙ୍କ ମା' ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ଥାନା ପରିକ୍ରମା କରିଥିଲା। ସେଠାରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଏବଂ ସମସ୍ତ ଅଧିକାରୀ କର୍ମଚାରୀ ଉପସ୍ଥିତ ରହି ପୂଜା କରିଥିଲେ। ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ ମଧ ପୂଜାର୍ଚ୍ଚନା କରିଥିଲେ। ପରେ ରାତିରେ ମା' ଅସ୍ଥାୟୀ ମନ୍ଦିରକୁ ଫେରି ଆସିଥିଲେ। ଆଲୋକ ସଜ୍ଜା ସହିତ ସୁନ୍ଦର ତୋରଣରେ ମାଙ୍କ ମନ୍ଦିର ଓ ଅସ୍ଥାୟୀ ମନ୍ଦିର ଝଲସି ଉଠୁଛି। ଆଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନା ବଜାର ହେବ ବୋଲି ସୂଚନା ମିଳିଛି।

## କାଳବୈଶାଖୀ: ଗଛପଡ଼ି ରାସ୍ତା ଅବରୋଧ

ଭଞ୍ଜନଗର/ ଦିଗପହଣ୍ଡି,୨୮।୪
(ବାବୁଲା ପ୍ରଧାନ/ ଅଶେଷ ନାଥ ମିଶ୍ର)



ଭଞ୍ଜନଗର ମେଡିକାଲ ପରିସରରୁ ଗଛକୁ କାଟି ବାହାର କରାଯାଉଛି।

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଓ ବଜ୍ରପାତ ହୋଇଥିଲା। ଏଥିଯୋଗୁ ଅନେକ ସ୍ଥାନରେ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଭଞ୍ଜନଗର ମେଡିକାଲ ପରିସରରେ ଥିବା ଏକ ବଡ ଆମ୍ବଗଛ ଭାଙ୍ଗି ଯାଇଥିବାରୁ ବ୍ଲଡ ବ୍ୟାଙ୍କ ମୁଖ୍ୟ ଫାଟକ ଏବଂ ଗ୍ୟାରେଜ ଭାଙ୍ଗି ଯାଇଛି। ଝଡ଼ତୋଫାନ ଯୋଗୁ ବିଦ୍ୟୁତ୍ ବ୍ୟାହତ ହୋଇଥିଲା।ସେହିପରି ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଝଡ଼ବର୍ଷା ଯୋଗୁ ଦୀର୍ଘ ସମୟ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କାଳବୈଶାଖୀ ତାଣ୍ଡବରେ ଅନେକ ଚାଳ ଓ ଟିଣ ଘର ଉଡ଼ିଯାଇଛି। କୁଆପଥର ମାଡରେ ଗ୍ରାମାଞ୍ଚଳରେ ପନିପରିବା ଫସଲ ଓ ଆମ୍ବ ନଷ୍ଟ ହୋଇଛି।

## ବାଲ୍ୟବିବାହ ରୋକିଲା ପ୍ରଶାସନ

ପାରଳାଖେମୁଣ୍ଡି,୨୮।୪
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକର ଏକ ଗ୍ରାମରେ ହେବାକୁ ଥିବା ବାଲ୍ୟ ବିବାହକୁ ପ୍ରଶାସନ ରୋକିଛି। ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜିକା ବୈଶାଳୀ ପଟ୍ଟନାୟକ ସମ୍ପୃକ୍ତ ଗ୍ରାମରେ ଏକ ବାଲ୍ୟ ବିବାହ ହେବାକୁ ଯାଉଥିବା ଖବର ପାଇ ସେ ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ପରେ ଏକ ଟିମ୍ ଗଠନ କରାଯାଇ ବ୍ଲକର ଆଇସିଡିଏସ ସୁପରଭାଜର, ଜିଲା ଶିଶୁ ସୁରକ୍ଷା ସମିତି ପରାମର୍ଶଦାତା,ଚାଇଲ୍ଡ ହେଲ୍ପ ଲାଇନ ସୁପରଭାଇଜର, ସଖୀ କେନ୍ଦ୍ରର ସଦସ୍ୟା, ଆଭାର ସଦସ୍ୟା, ସ୍ଥାନୀୟ ଥାନା ଅଧିକାରୀ, ସରପଞ୍ଚ ଉକ୍ତ ଗ୍ରାମକୁ ଯାଇ ବାଲ୍ୟ ବିବାହ କରିବାକୁ ଥିବା ପରିବାର ଲୋକଙ୍କୁ ବୁଝାଇଥିଲେ। ବାଲ୍ୟ ବିବାହ କରାଇଲେ ଏନେଇ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଝିଅଟିର ବୟସ ୧୫ ବର୍ଷ ୫ ମାସ ହୋଇଥିବାରୁ ଝିଅକୁ ସେଠାରୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ନିକଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ସକ୍ଷୀ ୱାନ ଷ୍ଟପ ସେଣ୍ଟରକୁ ପଠାଯାଇଥିଲା। ଶିଶୁଟିର ଉଜ୍ଜଳ ଭବିଷ୍ୟତ ପାଇଁ ପରିବାର ଲୋକେ ଆଗାମୀ ଦିନରେ ତାକୁ ପାଠ ପଢାଇବେ ଏବଂ ବୟସ ନ ହେବା ପର୍ଯ୍ୟନ୍ତ ତାର ବିବାହ କରିବେ ନାହିଁ ବୋଲି ଆଲୋଚନା ବେଳେ ଲିଖିତ ଭାବେ ଦେଇଥିଲେ। ଫଳରେ ପ୍ରଶାସନର ସମୟୋଚିତ ପଦକ୍ଷେପ ଯୋଗୁ ଏକ ବାଲ୍ୟ ବିବାହକୁ ରୋକାଯାଇ ପାରିଥିବା ସାଧାରଣରେ ଆଲୋଚନା ହେଉଛି।

## ସିଜିମାଳିରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଦିବାସୀ ମହାସଂଘ ଦେଲା ଦାବିପତ୍ର

ଫୁଲବାଣୀ,୨୮।୪(ରାକେଶ କୁମାର ରାଉତ)

ସିଜିମାଳିରେ ଆଦିବାସୀମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ଓଡିଶା ଆଦିବାସୀ ମହାସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ମଙ୍ଗଳବାର ଆଦିବାସୀ ମହାସଂଘ ପ୍ରଶାସନକୁ ଦାବିପତ୍ର ଦେଇଛି। ଆଦିବାସୀଙ୍କ ଭିଟାମାଟି ଓ ବନ୍ୟ ସମ୍ପଦକୁ ବଞ୍ଚାଇବା, ବେଆଇନ ଖଣି ଖନନକୁ ବନ୍ଦ କରିବା ଲାଗି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ସରକାର ଦମନ କରିବାକୁ ଚେଷ୍ଟା କରୁଛନ୍ତି। ଆଦିବାସୀ ନେତା ଓ ଗ୍ରାମବାସୀଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଉଛି। ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଛି ବୋଲି ମହାସଂଘ ପ୍ରକାଶ କରଛି। ଏହାର ପ୍ରତିବାଦରେ ମହାସଂଘ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଏଥିସହ ଜିଲାରେ ଜଣେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କୁ ବଳାତ୍କାର, ନବୋଦୟ ବିଦ୍ୟାଳୟ ଛାତ୍ରଙ୍କ ଆତ୍ମହତ୍ୟା, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଆଦିବାସୀ ଛାତ୍ରାବାସ ବନ୍ଦ ହେବା ଘଟଣାରେ ମହାସଂଘ ଉଦ୍‌ବେଗ ପ୍ରକାଶ କରିଛି। ମହାସଂଘ ଜିଲା ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଇ ସମାଜ ସମ୍ପାଦକ ଇଂ ଅବନୀ କହଁର, କାର୍ଯ୍ୟକାରୀ ସଦସ୍ୟ କିଶୋର ଚନ୍ଦ୍ର ଘଟାଳ, ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, କଟ୍ରିଙ୍ଗିଆ ଶାଖା ସଭାପତି ଭାସ୍କର କହଁର ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ଅବହେଳିତ ବିଲାବାଡ଼ି ପଞ୍ଚାୟତରେ ଜିଲାପାଳ

ଖଜୁରୀପଡ଼ା ୨୮।୪( ବିଦୁର ବେହେରା): କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତକୁ ମଙ୍ଗଳବାର ଜିଲାପାଳ ବେଦ ଭୂଷଣଙ୍କ ଗସ୍ତ ପରେ ଅଞ୍ଚଳର ଉନ୍ନତି ଲାଗି ଆଶା ବାନ୍ଧିଛନ୍ତି ଅଞ୍ଚଳବାସୀ। ଘଞ୍ଚ ଜଙ୍ଗଲ, ପାହାଡ ଘେରା ଏହି ପଞ୍ଚାୟତରେ ଜିଲାପାଳ ପହଞ୍ଚି ଲୋକଙ୍କ ସମସ୍ୟାକୁ ଅନୁଧ୍ୟାନ କରି ଫେରିଛନ୍ତି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମ ବଣ, ପାହାଡ଼ ଉପରେ ରହିଛି। ଏଠାରେ ଯୋଗାଯୋଗ ବ୍ୟବସ୍ଥା ନାହିଁ କହିଲେ ଚଳେ। ରାସ୍ତାଘାଟ ନ ଥିବାରୁ ଜରୁରୀ ସମୟରେ ଲୋକେ ବହୁ ହଇରାଣ ହୁଅନ୍ତି। ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଏବଂ ମୋବାଇଲ ନେଟୱାର୍କ ନ ଥିବାରୁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାପାଳ ବ୍ଲକର ଡଙ୍ଗା ଓ ସିକାଡି ଗ୍ରାମ ପରିଦର୍ଶନ କରି ସେଠାରେ ଥିବା ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିଥିଲେ। ବ୍ଲକ ପ୍ରଶାସନ ଦ୍ୱାରା ହୋଇଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରି ସ୍ଥାନୀୟ ବାସିନ୍ଦାଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାପାଳଙ୍କ ସହ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି ଥିଲେ।

## ନିଶାମୁକ୍ତ ଅଭିଯାନ: ଏସ୍‌ଡିପିଓଙ୍କୁ ଡିସ୍ ଆୱାର୍ଡ

ମୋହନା, ୨୮।୪(ମନ୍ମଥ ମିଶ୍ର): ଗଜପତି ଜିଲାରେ ଅନ୍ତରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିଲା। ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ସେମାନେ ଗଞ୍ଜେଇ ଚାଷ କରାଉଥିଲେ। ପ୍ରଶାସନର ସଚେତନତା ସତ୍ତ୍ୱେ ଲୋକେ ଗଞ୍ଜେଇ ଚାଷ ଛାଡି ପାରୁ ନ ଥିଲେ। ଜିଲାରେ ଏସ୍‌ଡିପିଓ ରୂପେ ଦାୟିତ୍ୱ ନେବା ପରେ ଯୁବ ଆଇପିଏସ ଅଧିକାରୀ ରାକେଶ ସାହୁ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଗଞ୍ଜେଇ ଚାଷ ରୋକିବାକୁ ପ୍ରୟାସ ଜାରି ରଖିଛନ୍ତି। ଏ କ୍ଷେତ୍ରରେ ତାଙ୍କ ଭୂମିକା ପାଇଁ ଡିଜି ଯୋଗେଶ ବାହାଦୁର ଖୁରାନିଆ ସାହୁଙ୍କୁ ଡିସ୍ ଆୱାର୍ଡ ପାଇଁ ମନୋନୀତ କରିଛନ୍ତି। ସୂଚନାଯୋଗ୍ୟ ଏସଡିପିଓ ସାହୁ ଦାୟିତ୍ୱ ଗ୍ରହଣର ଅଳ୍ପ ଦିନ ମଧ୍ୟରେ ଅଡ଼ବା ଥାନା ଅଞ୍ଚଳରୁ ୧୧ କୁଇଣ୍ଟାଲ ୪୯୧ ଓ ଆର. ଉଦୟଗିରି ଥାନା ଅଞ୍ଚଳରୁ ୫ କୁଇଣ୍ଟାଲ ୭୫୮ କିଲୋ ଗଞ୍ଜେଇ ଜବତ କରିପାରିଛନ୍ତି।

## ଫାର୍ମାଶିଳ୍ପରେ ଚାକିରି ସୁଯୋଗ, ଔଷଧର ନାଁ ପରିଚିତ କରାଇବା ଥିଲା ଲକ୍ଷ୍ୟ

### ସିୟୁଟିଏମ୍‌ରେ ପ୍ରଥମ ଭେଟେରିନାରି ଫାର୍ମାସ୍ୟୁଟିକାଲ ମିଟ୍




ପାରଳାଖେମୁଣ୍ଡି,୨୮।୪(ଗିରିଧାରୀ ପରିଚ୍ଛା)

ସେଞ୍ଚୁରିୟନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍)ର ପାରଳାଖେମୁଣ୍ଡି କ୍ୟାମ୍ପସରେ ପ୍ରଥମ ଭେଟେରିନାରୀ ଫାର୍ମାସ୍ୟୁଟିକାଲ ମିଟ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଫାର୍ମାକୋଲୋଜି ଶେଷ କରୁଥିବା ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ଏହି ଫାର୍ମାସ୍ୟୁଟିକାଲ ମିଟ୍ ହୋଇଥିଲା। ବିଭିନ୍ନ ଫାର୍ମାସ୍ୟୁଟିକାଲ କମ୍ପାନୀ ଦ୍ୱାରା ବଜାରକୁ ଆଣାଯାଇଥିବା ଔଷଧମାନଙ୍କର ଟ୍ରେଡ ନାମ ସମ୍ପର୍କରେ ପରିଚିତ କରାଇବା ଏବଂ ଫାର୍ମା ଶିଳ୍ପରେ ଚାକିରି ସୁଯୋଗ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଏହି ମିଟ୍‌ର ଲକ୍ଷ୍ୟ ଥିଲା। ଉଦ୍‌ଘାଟନ ଅଧିବେଶନରେ ସିୟୁଟିଏମ୍ ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ପ୍ରଫେସର ଏସ.ପି. ନନ୍ଦ, ପ୍ରଫେସର ଦୁର୍ଗା ପ୍ରସାଦ ପାଢୀ, ସ୍କୁଲ ଅଫ ଭେଟେରିନାରୀର ଡିନ ପ୍ରଫେସର ସୁରେଶ ସୁବ୍ରମଣ୍ୟମ, ପ୍ରଫେସର ସର୍ଜନ ରାଓ, ବିଭାଗୀୟ ମୁଖ୍ୟ ପ୍ରଫେସର ତପନ ମଣ୍ଡଳ, ଏଲେମିକର ପୂର୍ବତନ ଜେନେରାଲ ମାର୍କେଟିଂ ମ୍ୟାନେଜର ଆର୍.ଏନ. କର୍ମାକର, ଭିର୍ବାକ ଭାଇସ ପ୍ରେସିଡେଣ୍ଟ ଦେବାଶିଷ ବିଶ୍ୱାସ ଓ ସହାୟକ ପ୍ରଫେସର ଡ଼ା. ଅର୍ଚ୍ଚନା ଉପସ୍ଥିତ ଥିଲେ। ଅତିଥିମାନେ ଔଷଧ ତିଆରିରେ ସଂଯୁକ୍ତ ଗବେଷଣାକୁ ପ୍ରୋସାହିତ କରି ଯାହା ପେଟେଣ୍ଟ ହୋଇପାରେ ବୋଲି ପ୍ରକାଶ କରିଥିଲେ। ଡା. ଆର୍.ଏନ. କର୍ମାକର ଫାର୍ମା ଶିଳ୍ପରେ ଚାକିରି ସୁଯୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଡି. ବିଶ୍ୱାସ ଛାତ୍ରମାନଙ୍କୁ ସମାଜସେବାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଡା. ଟି.କେ. ମଣ୍ଡଳ ଏପରି ଫାର୍ମାସ୍ୟୁଟିକାଲ ମିଟ୍‌ର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ୧୨୫ରୁ ଊର୍ଦ୍ଧ୍ୱ ଅଂଶଗ୍ରାହୀ ଏହି ମିଟ୍‌ରେ ଯୋଗ ଦେଇଥିଲେ।

## ଶେରଗଡ଼ରେ ଗୋ-ସୁରକ୍ଷା, ସମ୍ମାନ ଅଭିଯାନ

ଶେରଗଡ଼,୨୮।୪(ସୂର୍ଯ୍ୟ ନାରାୟଣ ଦାଶ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ଶେରଗଡ଼ ଶାଖା ପକ୍ଷରୁ ଗୋ ସମ୍ମାନ ଅଭିଯାନ ମଙ୍ଗଳବାର ଆରମ୍ଭ ହୋଇଛି। ଗୋରୁ ଗାଈ,ଛେଳି, ମେଣ୍ଢା ଓ ଅନ୍ୟ ଗୃହପାଳିତ ପ୍ରାଣୀମାନଙ୍କ ସୁରକ୍ଷା ଜରୁରୀ। ଗୋ ସେବା ଭଗବାନଙ୍କ ସେବା, ସମଗ୍ର ଗୋ ଜାତିର ସୁରକ୍ଷା ଆମମାନଙ୍କ ପ୍ରମୁଖ ସେବା ହେବା ଆବଶ୍ୟକ ବୋଲି ମତ ଦେଇ ଆରଏସ୍ଏସ୍ ପକ୍ଷରୁ ଗୋ ସୁରକ୍ଷା ସମ୍ମାନ ଅଭିଯାନ ଆରମ୍ଭ ହୋଇଛି। ଏହାର କର୍ମକର୍ତ୍ତାମାନେ କର୍ତ୍ତା ବୁଲି ବୁଲି ଲୋକଙ୍କୁ ସଚେତନ କରି ସ୍ଥାନୀୟ ତହସିଲଦାର ତ୍ରିଦେବ ରଥଙ୍କୁ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ତ୍ୱରିତ ନ୍ୟାୟ ଦେବ




ଆଇନଜୀବୀ ପ୍ରମୋଦ ପ୍ରଧାନଙ୍କୁ ବିଚାରପତି ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୨୮।୪(ବାବୁଲା ପ୍ରଧାନ)

ଭଞ୍ଜନଗର ବାର ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଆଇନଜୀବୀ ଦିବସ ଏବଂ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟର ବିଚାରପତି ମୁରାହରି ଶ୍ରୀରମଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାର ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରହିଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ଡେପୁଟି ସୋଲିସିଟର ଜେନେରାଲ ପ୍ରସନ୍ନ କୁମାର ପାରି ଯୋଗଦେଇ କହିଥିଲେ, ଆମେ ପରସ୍ପରକୁ ସମ୍ମାନ ଦେବା। ନ୍ୟାୟପାଳିକାକୁ ମଧ ଉପଯୁକ୍ତ ସମ୍ମାନ ଦେବାକୁ ପଡିବ। ଯୁବ ଏବଂ ନବାଗତ ଆଇନଜୀବୀ ମାନେ ସର୍ବଦା ପ୍ରସ୍ତୁତ ହୋଇ ମାମଲା ଗୁଡିକର ଉପସ୍ଥାପନା କରିବାକୁ ସେ ଆହ୍ୱାନ ଦେଇଥିଲେ। ବାର ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଇନଜୀବୀମାନଙ୍କ ବିଭିନ୍ନ ସମସ୍ୟା ଓ ତାର ନିରାକରଣ ଉପରେ କହିଥିଲେ। ପୂର୍ବତନ ସମ୍ପାଦକ ହରେକୃଷ୍ଣ ମହାପାତ୍ର ସ୍ୱଗତ ଭାଷଣ ଦେଇଥିଲେ। ବିମ୍ବାଧର ଷଡ଼ଙ୍ଗୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଭଞ୍ଜନଗର ବାର ଆସୋସିଏଶନର ବରିଷ୍ଠ ଜ୍ୟୋତିରାଜ ପତି, ପ୍ରମୋଦ କୁମାର ପ୍ରଧାନ, ଛବି ଲାଲ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଧୀରେନ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ସକାଳେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବାର ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭଞ୍ଜନଗର ଓକିଲ ସଂଘର ପାଣ୍ଠିକୁ ବୃଦ୍ଧି କରିବା ପାଇଁ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଛତ୍ରପୁରରେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଶାଖା



ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ଉଦ୍‌ଘାଟନ କରାଯାଇଛି।

ଛତ୍ରପୁର,୨୮।୪(ଦିଲୀପ ସାମଲ)

ଛତ୍ରପୁରଠାରେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଶାଖା ମଙ୍ଗଳବାର ଉଦଘାଟିତ ହୋଇଛି। ବ୍ରହ୍ମପୁର ସମବାୟ କେନ୍ଦ୍ରର ସଭାପତି ଶିବରାମ ପାତ୍ର, ଉପ ସଭାପତି ଗୀତାଞ୍ଜଳି ପ୍ରଧାନ, ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ପରିଡା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଛତ୍ରପୁର ଶାଖା ପରିଚାଳକ ପବିତ୍ର ମୋହନ ପଲେଇ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସେମାନେ ବ୍ୟାଙ୍କ ଶାଖା ବୁଲି ଲୋକଙ୍କ ପାଇଁ ଥିବା ସୁବିଧା ସୁଯୋଗକୁ ବୁଲି ଦେଖିଥିଲେ। ଚାଷୀମାନଙ୍କ ହିତ ପାଇଁ କମ ସୁଧରେ କୃଷି ଋଣ ପ୍ରଦାନ କରିବା ସହିତ ଲକର ସୁବିଧା ପ୍ରଦାନ କରାଯିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ବିଷ୍ଣୁ ପ୍ରିୟା ନାୟକ, ପ୍ରଶାନ୍ତ ନାୟକ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଆଇନଜୀବୀ ଦିବସ

ଆସିକା,୨୮।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଓକିଲ ଦିବସ ପାଳିତ ହୋଇଥିଲା। ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଓକିଲ ସଂଘ ସଭା ଗୃହରେ ସଭାପତି ଛବିଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ହୋଇଥିଲା। ସଂଘ ସଂପାଦକ ଚିତ୍ତରଞ୍ଜନ ଦାସ, ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ଭାସ୍କର ସ୍ୱାଇଁ, ଲଳିତ ମୋହନ ଦାସ, ପଞ୍ଚାନନ ପୋଲାଇ, ଅରୁଣ କୁମାର ପଣ୍ଡା, କାଳିଚରଣ ଦାସ, ପ୍ରସନ୍ନ ବିଷୋୟୀ, ଇନ୍ଦ୍ରମୋହନ ସ୍ୱାଇଁ ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଛତ୍ରପୁର.(ଦିଲୀପ ସାମଲ):** ଛତ୍ରପୁର ଓକିଲ ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଏଲ.ଗୋପାଲ ରାଓ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ, ସବ୍‌ଜଜ ପୂଜା ଦେ, ଏସ୍‌ଡିଜେଏମ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମଧୁବାବୁଙ୍କ ଜୟନ୍ତୀ ଅବସରରେ ଓକିଲ ସଂଘର ବରିଷ୍ଠ ଓକିଲ ସିଏଚ.ତ୍ରିଲୋଚନ ରେଡ୍ଡୀ, ବି.ଶ୍ରୀନିବାସ ରାଓ, ବ୍ରଜମୋହନ ଆଚାର୍ଯ୍ୟ, ମନୋଜ ବେହେରା, ଭୈରବୀ ପଟ୍ଟନାୟକ, ପର୍ଶୁରାମ ଗୌଡ ଓ କାଳିପ୍ରସାଦ ଦାଶ ପ୍ରମୁଖଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ସଂଘ ସଭାଗୃହରେ ପ୍ରଥମେ ମଧୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ହୃଦୟ ରଞ୍ଜନ ମେକାପ ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଏବଂ ଓଡିଆଙ୍କୁ ସେବା ଯୋଗାଇ ଦେବାରେ ମଧୁବାବୁଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ନୋଟାରି ରଞ୍ଜନ ବେହେରା, ରସାନନ୍ଦ ରାଉତ, ସରକାରୀ ଓକିଲ ହେମନ୍ତ ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ,ସନ୍ତୋଷ ସାହୁ ଏବଂ ବିଜୟ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ କୋର୍ଟ ପରିସରରେ ବାର୍ ସଭାପତି ସନ୍ତୋଷ ମିଶ୍ରଙ୍କ ପୌରହିତ୍ୟରେ ମଧୁବାବୁ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଉପସଭାପତି ମେଘନାଦ ଦଳେଇ, ସମ୍ପାଦକ ସମରଜିତ ଦାଶ, ଭଗବାନ ସିଂ, ରଞ୍ଜନ ସେଠୀ, ସନ୍ତୋଷ ନାଏକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀ ସଂଘ ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଚାରପତି ସୁଧାଶ୍ରୀ ସୁରଙ୍ଗଲିଆ, ମୁଖ୍ୟବକ୍ତା ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ନିର୍ମଳ ସାହୁ, ସମ୍ମାନିତ ଅତିଥି ଭାବେ ପିପୁଲ୍ଲି କଲେଜଅଧ୍ୟାପକ ଡ.ପ୍ରଦୀପ ଦାଶ ବକ୍ତବ୍ୟ ରଖିଥିଲେ। ଓକିଲ ସଙ୍ଗ୍ଘ ବିକାଶ ମହାନ୍ତି, ୟୁ. ଅରବିନ୍ଦ ପାତ୍ର ଓ ପିଣ୍ଟୁ ବିଶ୍ୱାଳଙ୍କୁ ମାନପତ୍ର ସମ୍ବର୍ଦ୍ଧିତ କରାଯାଇଥିଲା।

**ବାଲିଗୁଡା,(ସଞ୍ଜୟ କୁମାର ପାଣିଗ୍ରାହୀ):** କନ୍ଧମାଳ ଜିଲା ବାଲିଗୁଡା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଅନିଲ କୁମାର ଦାସ, ସଭାପତି ଟି.ହରିଶ୍ଚନ୍ଦ୍ର ରାଓ, ଉପସଭାପତି ରାମକୃଷ୍ଣ ଦାସ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ଆଇନଜୀବୀ କୌଶିକ ସାହୁ, ପଦ୍ମ ଚରଣ ପଣ୍ଡା ଯୋଗ ଦେଇଥିଲେ।

